

ତାମିଲନାଡୁ ଛାଡ଼ିଲେ ସୂର୍ଯ୍ୟା
ପୃଷ୍ଠା ୨ ଦେଖନ୍ତୁ

• RNI REGD NO: 42041/83
• www.sakalaepaper.com
• /thesakalanews
• /TheSakala
• www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 40 •ISSUE- 266 •BHUBANESWAR •FRIDAY •24 MARCH 2023 •PAGE-16 •₹ 6.00

•ବର୍ଷ-୪୦ •ସଂଖ୍ୟା- ୨୬୬ •ଭୁବନେଶ୍ୱର •ଶୁକ୍ରବାର •୨୪ ମାର୍ଚ୍ଚ ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


# 'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଘାଟିତ

**ସୁନାବେଡା, ୨୩।୩(ସମିସ)**

'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ତ୍ରିଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ସୁନାବେଡ଼ା ସ୍ଥିତ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ । ସେ ତାଙ୍କ ଭାଷଣରେ ଓଡିଆ ଭାଷାର ଗୁରୁତ୍ୱ, ଓଡିଆ ଜାତିର ମହତ୍ୱ, ଓଡିଆ ସଂସ୍କୃତିର ଚମକ ଓ ଓଡ଼ିଶା ମାଟିର ମହକ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ, ମଣିଷ ଯେତେ ବଡ ସ୍ୱପ୍ନ ଦେଖେ ସ୍ୱପ୍ନକୁ ସାକାର କରିବା ପାଇଁ ତାକୁ ସେତେ ବଡ ଆୟୋଜନ କରିବାକୁ ପଡିଥାଏ । ତେଣୁ ଓଡ଼ିଶାର, ଓଡିଆ ସାହିତ୍ୟର ତଥା ଓଡିଆ ସଂସ୍କୃତିରେ ଅଗ୍ରଗତି ପାଇଁ ଆମକୁ ବହୁତ ବଡ ସ୍ୱପ୍ନ ଦେଖିବାକୁ ପଡିବ ଏବଂ ଆମଙ୍କୁ ସେମିତି କଠିନ ପରିଶ୍ରମ କରିବାକୁ ପଡିବ । ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ହେଉଛି ଓଡ଼ିଶାର ନାଭି ପ୍ରଦେଶ । ତେଣୁ ଓଡ଼ିଶାର ପ୍ରଗତୀ ପାଇଁ ଓଡିଆ ବିଭାଗ ଓଡ଼ିଶାକୁ ନୂତନ ଦିଗଦର୍ଶନ ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଶେଷରେ ସେ ଆନ୍ତର୍ଜାତିକ ସମ୍ମିଳନୀ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାର୍ତ୍ତା ପଠନ କରିଥିଲେ । ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ବକ୍ତା ଭାବେ କବି ହରପ୍ରସାଦ ଦାସ ଯୋଗ ଦେଇ ପ୍ରବାସୀ ଓଡିଆ ଓ ପ୍ରବାସୀ ଓଡିଆ ସାହିତ୍ୟ ଉପରେ ଏକ ସାରଗର୍ଭକ ବକ୍ତୃତା ପ୍ରଦାନ କରିଥିଲେ । ସେ କହିଥିଲେ ଯେ, ପ୍ରବାସୀ ମାନଙ୍କ ଅସୁଖ ଅଶାନ୍ତି ପ୍ରବାସରେ ସୃଜନଶୀଳ ସାହିତ୍ୟ ରଚନା ପାଇଁ ପ୍ରବୃତ୍ତାୟୀ ଥାଏ । ଦୁଃଖର ବିଷୟ ପ୍ରବାସୀ ଓଡିଆ ସାହିତ୍ୟ କିଛି ନାହିଁ । ସେ ପ୍ରବାସୀ ମାନଙ୍କ ସେହି ଅସୁଖ ବା ଅଶାନ୍ତି ବିଷୟରେ ବର୍ଣ୍ଣନା କରିଥିଲେ । ତାହା ହେଉଛି ଅବିଶ୍ୱାସର ଦୁଃଖ, ଅନଭ୍ୟାସତାର ଦୁଃଖ, ଆତ୍ମୀୟତର ଦୁଃଖ, ଅଣପରମ୍ପରିକତାର ଦୁଃଖ, ଅପ୍ରକୃତିକତାର ଦୁଃଖ, ବିଚ୍ଛିନ୍ନତାର ଦୁଃଖ, ଅପ୍ରସଙ୍ଗିକତାର ଦୁଃଖ, ଅସମ୍ବାଦର ଦୁଃଖ, ପରାଙ୍ଗଭୋଗୀର ଦୁଃଖ ଇତ୍ୟାଦି । ଏହି ସବୁ ଦୁଃଖରୁ ପ୍ରବାସୀମାନଙ୍କ ଦ୍ୱାରା ସୃଜନାତ୍ମକ ରଚନା ବଳୀ ସୃଷ୍ଟି ହୁଏ ବୋଲି ସେ ମତ ପୋଷଣ କରିଥିଲେ । ଉତ୍ସବର ସମ୍ମାନିତ ଅତିଥି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଏହି ସମ୍ମିଳନୀରେ ପ୍ରବାସୀ ଓଡିଆ ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ଜୋର ଦେଇଥିଲେ । ଓଡିଆ ସାହିତ୍ୟ ଓ ଜନଜାତି ସଂସ୍କୃତି ଉପରେ ବର୍ଣନା କରି ସେ କହିଥିଲେ ଯେ, ଜନଜାତି ସଂସ୍କୃତି ଓ ପରମ୍ପରା ସାରା ଭାରତ ବର୍ଷରେ ସମାନ ଅଟେ । ସେହିପରି ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ଭାଷା ସମୂହର ମୂଖ୍ୟ ପ୍ରଫେସର ନୃସିଂହ ଚରଣ ପଣ୍ଡା ପ୍ରବାସୀ ସାହିତ୍ୟ ଓ ଭାଷା ଉପରେ ଆଲୋକପାତ କରିଥିଲେ । ଓଡିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ସମ୍ମିଳନୀ ଆୟୋଜନର ଉଦ୍ଦେଶ୍ୟ ବିଷୟରେ କହିଥିଲେ । ସହାୟକ ପ୍ରାଧ୍ୟାପକ ଡା. ଆଲୋକ ବରାଳ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡା. ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ପ୍ରଫେସର ପଞ୍ଚାନନ ମହାନ୍ତି, ପ୍ରଫେସର ଜଙ୍ଗ ବାହାଦୁର ପାଣ୍ଡେ, ପ୍ରଫେସର ହିମାଂଶୁ ମହାପାତ୍ର, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ଗୌରାଙ୍ଗ ଚରଣ ଦାସ, ପ୍ରଫେସର ନଟବର ଶତପଥୀ, ପ୍ରଫେସର ଚିତ୍ତରଞ୍ଜନ ମିଶ୍ର, ପ୍ରଫେସର ଏନ୍ ବି ହରିଚନ୍ଦନ, ପ୍ରଫେସର ଜ୍ୟୋତ୍ସ୍ନା ରାଉତ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପ୍ରଫେସର ପିସି ପଟ୍ଟନାୟକ, ପ୍ରଫେସର ଉଦୟନାଥ ସାହୁ, ଡ. ଗୁଣନିଧି ପଣ୍ଡା, ଡ. ଦେବାଶିଷ ମହାପାତ୍ର, ଡ. ସୁବ୍ରତ ପୃଷ୍ଟି ଓ ପ୍ରକାଶ ନାୟକ, ଡ. ପ୍ରୀତିଧାରା ସାମଲ ପ୍ରମୁଖ ଯୋଗ ଦେଇଥିଲେ ।





୬ ଦିନ ବିତିଲା
ପୁଲିସ ହାତ ଖାଲି

# ପ୍ରମେୟ
THE PRAMEYA

PRINTED AT BHUBANESWAR SAMBALPUR PANIKOILI JEYPORE
RNI REGD NO: ODIODI/2011/37619 - POSTAL REGD NO: BN/208/23-25
ବର୍ଷ ୧୨ | ସଂଖ୍ୟା ୩୨୦ | ଜୟପୁର
୨୪ ମାର୍ଚ୍ଚ ୨୦୨୩ | ଶୁକ୍ରବାର

16 PAGES | ₹7.00
VOLUME 12 | ISSUE 320 | JEYPORE
24 MARCH 2023 | FRIDAY

ଅଭିନୟ କର୍ମଶାଳାରେ
ଫାତିମା




## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ସମ୍ମିଳନୀ

# ଓଡ଼ିଆ ସଂସ୍କୃତିର ଅଗ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ପଡ଼ିବ




କୋରାପୁଟ,୨୩।୩(ଆପ୍ର): ଓଡିଆ ସଂସ୍କୃତିର ଅଗ୍ରଗତି ପାଇଁ ସ୍ୱପ୍ନ ଦେଖିବାକୁ ପଡ଼ିବ। ଏହାକୁ ସାକାର କରିବାକୁ କଠିନ ପରିଶ୍ରମ ବି କରିବାକୁ ପଡିବ। ଆଜି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆୟୋଜିତ ପ୍ରବାସୀ ଓଡ଼ିଆ ସାହିତ୍ୟ ଶୀର୍ଷକ ଅନ୍ତର୍ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ମୁଖ୍ୟଅତିଥି କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏଭଳି କହିଛନ୍ତି। ସେ ତାଙ୍କ ଅଭିଭାଷଣରେ ଓଡିଆ ଭାଷାର ଗୁରୁତ୍ୱ, ଜାତିର ମହତ୍ୱ, ସଂସ୍କୃତିର ଚମକ ଓ ଓଡ଼ିଶା ମାଟିର ମହକ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାର୍ତ୍ତା ପଠନ କରାଯାଇଥିଲା।

ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଥିତଯଶା କବି ଓ ସମାଲୋଚକ ହରପ୍ରସାଦ ଦାସ ପ୍ରବାସୀଙ୍କ ଅସୁଖ ଅଶାନ୍ତି ସହିତ ସେମାନଙ୍କ ସୃଜନଶୀଳ ସାହିତ୍ୟ ରଚନା ସମ୍ପର୍କରେ କହିଥିଲେ। ପ୍ରବାସୀ ସାହିତ୍ୟ ବୋଲି କିଛି ନାହିଁ ବୋଲି ସେ କହିବା ସହ ବିଚ୍ଛିନ୍ନତାର ଦୁଃଖରୁ ସେମାନଙ୍କ ସର୍ଜନାର ସୃଷ୍ଟି ବୋଲି କହିଥିଲେ। ସମ୍ମାନିତ ଅତିଥି ତଥା ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରବାସୀ ଓଡିଆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ ପାଇଁ ଜୋର ଦେଇଥିଲେ। ଓଡିଆ ସାହିତ୍ୟ ଓ ଜନଜାତି ସଂସ୍କୃତି ଉପରେ ବର୍ଣ୍ଣନା କରି ସେ କହିଥିଲେ ଯେ, ଜନଜାତି ସଂସ୍କୃତି ଓ ପରମ୍ପରା ସାରା ଦେଶରେ ସମାନ ଅଟେ। ଅନ୍ୟତମ ଅତିଥି ପ୍ରଫେସର ନୃସିଂହଚରଣ ପଣ୍ଡା ପ୍ରବାସୀ ସାହିତ୍ୟ ଓ ଭାଷା ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ଡ. ପ୍ରଦୋଷ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ସହାୟକ ପ୍ରାଧ୍ୟାପକ ଡ. ଆଲୋକ ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡ. ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପଞ୍ଚାନନ ମହାନ୍ତି, ଜଙ୍ଗବାହାଦୁର ପାଣ୍ଡେ, ହିମାଂଶୁ ମହାପାତ୍ର, ବସନ୍ତକୁମାର ପଣ୍ଡା, ଗୌରାଙ୍ଗଚରଣ ଦାସ, ନଟବର ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ଏନ୍. ବି.ହରିଚନ୍ଦନ, ଜ୍ୟୋସ୍ନା ରାଉତ, ସନ୍ତୋଷ ତ୍ରିପାଠୀ, ପି.ସି.ପଟ୍ଟନାୟକ, ଉଦୟନାଥ ସାହୁ, ଡ.ଗୁଣନିଧି ପଣ୍ଡା, ଦେବାଶିଷ ମହାପାତ୍ର, ସୁବ୍ରତ ପୃଷ୍ଟି, ପ୍ରକାଶ ନାୟକ, ପ୍ରୀତିଧାରା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୨୪/୨୦୨୩ (୧୬ ପୃଷ୍ଠା) Bhubaneswar, Friday, March 24/2023 Page 16 ₹ 7.00 | RAYAGADA
୪୯ଶ ଭାଗ ୧୧୮ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 49 ISSUE 118 ମୂଲ୍ୟ₹୭/-

# ଓଡ଼ିଆ ସଂସ୍କୃତିର ଅଗ୍ରଗତି ନେଇ ପରିଶ୍ରମ କରିବାକୁ ହେବ

**କୋରାପୁଟ, ୨୩।୩(ସ୍ୱ.ପ୍ର.)**



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ପ୍ରବାସୀ ଓଡ଼ିଆ ସାହିତ୍ୟ ଶୀର୍ଷକ ତ୍ରିଦିବାସୀୟ ଆନ୍ତର୍ଜାତିକ ସମ୍ମିଳନୀ ଗୁରୁବାର ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ କରାଯିବ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡିଆ ଭାଷାର ଗୁରୁତ୍ୱ, ଓଡିଆ ଜାତିର ମହତ୍ତ୍ୱ ଏବଂ ଓଡିଆ ସଂସ୍କୃତିର ଚମକ ଓ ଓଡ଼ିଶା ମାଟିର ମହକ ବିଷୟରେ ବର୍ଣ୍ଣନା କରିଥିଲେ। ମଣିଷ ଯେତେ ବଡ ସ୍ୱପ୍ନ ଦେଖେ ସ୍ୱପ୍ନକୁ ସାକାର କରିବା ପାଇଁ ତାକୁ ସେତେ ବଡ ଆୟୋଜନ କରିବାକୁ ପଡିଥାଏ। ତେଣୁ ଓଡ଼ିଶାର, ଓଡିଆ ସାହିତ୍ୟର ତଥା ଓଡିଆ ସଂସ୍କୃତିରେ ଅଗ୍ରଗତି ପାଇଁ

**କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରବାସୀ ଓଡ଼ିଆ ସାହିତ୍ୟ ଶୀର୍ଷକ ଆନ୍ତର୍ଜାତିକ ସମ୍ମିଳନୀ**

ଆମକୁ ବହୁତ ବଡ ସ୍ୱପ୍ନ ଦେଖିବାକୁ ପଡିବ ଏବଂ ଆମଙ୍କୁ ସେମିତି କଠିନ ପରିଶ୍ରମ କରିବାକୁ ପଡିବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ହେଉଛି ଓଡ଼ିଶାର ନାଭି ପ୍ରଦେଶ। ତେଣୁ ଓଡ଼ିଶାର ପ୍ରଗତୀ ପାଇଁ ଓଡିଆ ବିଭାଗ ଓଡ଼ିଶାକୁ ନୂତନ ଦିଗଦର୍ଶନ ଦେବ ଆଶା କରିଥିଲେ। ଶେଷରେ ସେ ଆନ୍ତର୍ଜାତିକ ସମ୍ମିଳନୀ ଉପଲକ୍ଷେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ବାର୍ତ୍ତା ପଠନ କରାଯାଇଥିଲା।

103 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Friday 24 March 2023
- କୋରାପୁଟ, ଶୁକ୍ରବାର ୨୪ ମାର୍ଚ୍ଚ ୨୦୨୩
- ଆଜି ମୀନ ୧୦ ଦିନ, ୧୪୩୦ ସାଲ
- ଚୈତ୍ର ୩ ଦିନ, ୧୯୪୪ ଶକାବ୍ଦ, ଶୁକ୍ଳପକ୍ଷ ତୃତୀୟା
- ଭାଗ- ୯୪ ସଂଖ୍ୟା-୮୦
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୬ ପୃଷ୍ଠା)

ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, JEYPORE

ଯଦହଙ୍କାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।
ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିଯୋକ୍ଷ୍ୟତି ।।
(ଗୀତା : ୧୮-୫୯)



ତୁମେ ଯେଉଁ ଅହଙ୍କାରକୁ ଆଶ୍ରୟ କରି 'ମୁଁ ଯୁଦ୍ଧ କରିବି ନାହିଁ, ବୋଲି ନିଶ୍ଚୟ କରିଛ, ତୁମର ସେହି ନିଶ୍ଚୟ ମିଥ୍ୟା; କାରଣ ତୁମର ପ୍ରକୃତି ତୁମକୁ ବଳପୂର୍ବକ ଯୁଦ୍ଧରେ ଲଗାଇଦେବ ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ତ୍ରିଦିବସୀୟ ଅନ୍ତର୍ଜାତୀୟ ସମ୍ମିଳନୀ




ସୁନାବେଡା, ୨୩.୩(ନିପ୍ର) -ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ 'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ତ୍ରିଦିବସୀୟ ଆନ୍ତର୍ଜାତିକ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ସୁନାବେଡ଼ା ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏହା ଆଜିଠାରୁ ୨୫ପର୍ଯ୍ୟନ୍ତ ଚାଲିବ । ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ଡକ୍ଟର ଚକ୍ରଧର ତ୍ରିପାଠୀ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଅଭିଭାଷଣ ପ୍ରଦାନ କରିଥିଲେ । ସେ ତାଙ୍କ ଭାଷଣରେ ଓଡ଼ିଆ ଭାଷାର ଗୁରୁତ୍ୱ, ଓଡିଆ ଜାତିର ମହତ୍ୱ, ଓଡିଆ ସଂସ୍କୃତିର ଚମକ ଓ ଓଡ଼ିଶା ମାଟିର ମହକ ବିଷୟରେ ବର୍ଣ୍ଣନା କରିଥିଲେ । ସେ କହିଥିଲେ ଯେ 'ମଣିଷ ଯେତେବଡ଼ ସ୍ୱପ୍ନ ଦେଖେ ସ୍ୱପ୍ନକୁ ସାକାର କରିବା ପାଇଁ ତାକୁ ସେତେବଡ଼ ଆୟୋଜନ କରିବାକୁ ପଡ଼ିଥାଏ । ତେଣୁ ଓଡ଼ିଶାର, ଓଡିଆ ସାହିତ୍ୟର ତଥା ଓଡିଆ ସଂସ୍କୃତିରେ ଅଗ୍ରଗତି ପାଇଁ ଆମକୁ ବହୁତ ବଡ଼ ସ୍ୱପ୍ନ ଦେଖିବାକୁ ପଡ଼ିବ ଏବଂ ଆମଙ୍କୁ ସେମିତି କଠିନ ପରିଶ୍ରମ କରିବାକୁ ପଡିବ' । ବିଶ୍ୱବିଦ୍ୟାଳୟରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ହେଉଛି ଓଡ଼ିଶାର ନାଭି ପ୍ରଦେଶ । ତେଣୁ ଓଡ଼ିଶାର ପ୍ରଗତି ପାଇଁ ଓଡିଆ ବିଭାଗ ଓଡ଼ିଶାକୁ ନୂତନ ଦିଗଦର୍ଶନ ଦେବ ଆଶା କରିଥିଲେ' । ଶେଷରେ ସେ ଆନ୍ତର୍ଜାତିକ ସମ୍ମିଳନୀ ଉପଲକ୍ଷେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବାର୍ତ୍ତା ପଠନ କରିଥିଲେ । ମୁଖ୍ୟବକ୍ତା ଭାବେ କବି ହରପ୍ରସାଦ ଦାଶ ଯୋଗଦେଇ ପ୍ରବାସୀ ଓଡ଼ିଆ ଓ ପ୍ରବାସୀ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ପ୍ରବାସୀଙ୍କ ଅସୁଖ ଅଶାନ୍ତି ପ୍ରବାସରେ ସୃଜନଶୀଳ ସାହିତ୍ୟ ରଚନା ପାଇଁ ପ୍ରବର୍ତ୍ତାଇଥାଏ । ଦୁଃଖର ବିଷୟ ପ୍ରବାସୀ ଓଡ଼ିଆ ସାହିତ୍ୟ କିଛି ନାହିଁ । ଶ୍ରୀ ଦାଶ ପ୍ରବାସୀଙ୍କ ସେହି ଅସୁଖ ଓ ଅଶାନ୍ତି ବିଷୟରେ ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ପ୍ରବାସୀ ଓଡ଼ିଆ ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନ କ୍ଷେତ୍ରରେ ଯୋଗ ଦେଇଥିଲେ । ଓଡ଼ିଆ ସାହିତ୍ୟ ଓ ଜନଜାତି ସଂସ୍କୃତି ଉପରେ ସେ ବର୍ଣ୍ଣନା କରି କହିଥିଲେ ଯେ ଜନଜାତି ସଂସ୍କୃତି ଓ ପରମ୍ପରା ସାରା ଦେଶରେ ପ୍ରାୟ ସମାନ ଅଟେ । ସେହିପରି ପ୍ରଫେସର ନୃସିଂହଚରଣ ପଣ୍ଡା ପ୍ରବାସୀ ସାହିତ୍ୟ ଓ ଭାଷା ଉପରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡକ୍ଟର ପ୍ରଦୋଷକୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ସମ୍ମିଳନୀର ଉଦ୍ଦେଶ୍ୟ ଉପରେ କହିଥିଲେ । ସହାୟକ ପ୍ରଧ୍ୟାପକ ଡକ୍ଟର ଆଲୋକ ବରାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଡକ୍ଟର ରୁଦ୍ରାଣୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# Three Day International Conference on "Pravasi Odia Sahitya" was inaugurated at Central University of Odisha




By OdAdmin on March 23, 2023

The three-day International Conference on "Pravasi Odia Literature" was inaugurated today on 23rd March 2023 at the Sunabeda campus of the Central University of Odisha organized by the Department of Odia Language and Literature. It will be held from today till March 25, 2023. Hon'ble Vice-Chancellor Prof. Chakradhar Tripathi formally inaugurated the conference at the University and delivered the inaugural address. In his speech, he spoke about the importance of the Odia language, the importance of Odias, the brilliance of Odia culture, and the fragrance of Odisha's soil. He said, 'the bigger a man dreams, the bigger he has to organize to make the dream come true.' Therefore, we have to dream big for the progress of Odisha, Odia literature and Odia culture and we have to work so hard." The Department of Odia Language and Literature of the University is the centre of Odisha. Therefore, he hoped that the Odia Department would give a new direction to Odisha for the progress of Odisha." In the end, he read out the message of Her Excellency The President of India, Smt. Draupadi Murmu,. Renowned Poet Shri Harprasad Das was the keynote speaker of the inaugural function and delivered a comprehensive lecture on Pravasi Odia and Pravasi Odia Literature. He said, "the unhappy unrest of the diasporas leads to creative literature being written. Sadly, there is nothing in Pravasi Odia literature". He spoke of the unhappiness or unrest of the Pravasi. That is the sorrow of disbelief, the grief of iniquity, the sorrow of non-conventionality, the sorrow of non-conformity, the sorrow of alienation, the sorrow of incompatibility, the misery of incompatibility, the misery of non-communism, the misery of the dependence, and so on. He opined that the diasporas create creative creations from all these miseries.

## Central University of Odisha holds international conference on 'Pravasi Odia Sahitya'

Thu, Mar 23 | 9:20 p.m
by Argus New s




**Koraput, March 23:** The three-day international conference on "Pravasi Odia Literature" was inaugurated at the Central University of Odisha here on Thursday. It will conclude on March 25.

Vice-Chancellor Prof. Chakradhar Tripathi inaugurated the conference, organiseed by the Department of Odia Language and Literature of the Varsity, and delivered the inaugural address.

In his speech, Prof. Tripathi spoke about the importance significance of the Odia language, importance of Odias, brilliance of Odia culture, and the fragrance of Odisha's soil. He said, "The bigger a man dreams, the bigger he has to organise to make the dream come true. Therefore, we have to dream big for the progress of Odisha, Odia literature and Odia culture and we have to work so hard."

Speaking on the occasion, eminent poet Harprasad Das delivered a comprehensive lecture on Pravasi Odia and Pravasi Odia Literature. He said, "The unhappiness or unrest of the diasporas leads to creative literature being written. Sadly, there is nothing in Pravasi Odia literature".

Padma Shri awardee Damayanti Beshra, the guest of honour at the conference, stressed the field of comparative studies in diaspora Odia literature at the conference. Elaborating on Odia literature and tribal culture, Beshra said that tribal culture and traditions are the same all over India.

103 YEARS OF PUBLICATION
Daily Edition: R.N.I. No. 4005/57
P.R. No. CK(C)/17/2021-2023

- Koraput, Monday 27 March 2023
- କୋରାପୁଟ, ସୋମବାର ୨୭ ମାର୍ଚ୍ଚ ୨୦୨୩
- ଆଜି ମୀନ ୧୩ ଦିନ, ୧୪୩୦ ସାଲ
- ଚୈତ୍ର ୬ ଦିନ, ୧୯୪୪ ଶକାବ୍ଦ, ଶୁକ୍ଳପକ୍ଷ ଷଷ୍ଠୀ
- ଭାଗ- ୯୪ ସଂଖ୍ୟା-୮୩
- www.thesamaja.com
  www.samajaepaper.com
  www.samajalive.in

ଟ ୭.୦୦ (୧୪ ପୃଷ୍ଠା)

ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁଦାସ
PRINTED AT CUTTACK, SAMBALPUR, BALESWAR, JEYPORE




# 'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ସମ୍ମିଳନୀ ଉଦ୍‌ଯାପିତ

ସୁନାବେଡ଼ା,୨୬ ।୩(ନିପ୍ର): ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳର ଓଡ଼ିଆ ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ପ୍ରବାସୀ ଓଡ଼ିଆ ସାହିତ୍ୟ' ଶୀର୍ଷକ ତିନି ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ହୋଇଥିଲା । ଜଗନ୍ନାଥ ସଂସ୍କୃତିବିତ୍ ପ୍ରସାଦ ହରିଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କହିଥିଲେ ପ୍ରବାସୀମାନଙ୍କ ଭାଷା ସାହିତ୍ୟର ଉନ୍ନତିରେ ହିଁ ଜାତିର ଜୀବନ ବିକଶିତ ହୋଇ ପାରିବ ଏବଂ ପ୍ରବାସୀମାନଙ୍କ ନିମନ୍ତେ ସ୍ଥାନ



ସଂରକ୍ଷଣ, ପୁରସ୍କାର ବ୍ୟବସ୍ଥା, ପାଠ୍ୟପୁସ୍ତକରେ ପ୍ରବାସୀ ସାହିତ୍ୟର ଅନ୍ତର୍ଭୁକ୍ତି, ପ୍ରବାସୀ ଶିଶୁମାନଙ୍କ ପାଇଁ ଇ-ସ୍କୁଲ ସ୍ଥାପନା, ପ୍ରବାସୀ ଓଡ଼ିଆ ସଙ୍ଗଠନଗୁଡିକ ସହ ସହଭାଗିତା, ପ୍ରବାସୀ ଓଡ଼ିଆ ସମ୍ମିଳନୀ ଆୟୋଜନ, ପ୍ରତିବେଶୀ ରାଷ୍ଟ୍ରରୁ ପୋଥି ସଂଗ୍ରହ ଇତ୍ୟାଦି ପ୍ରସ୍ତାବ ଶ୍ରୀ ହରିଚନ୍ଦନ ଦେଇଥିଲେ । ଉତ୍ସବରେ ଭାଷା ବିଭାଗର ଅଧ୍ୟାପକଗଣଙ୍କ ସମେତ ଅଧ୍ୟକ୍ଷ ପ୍ରଫେସର ଏନସି ପଣ୍ଡା ଓ ବିଷୟ ବିଶାରଦ ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ପୂର୍ବାହ୍ନ ଅଧିବେଶନରେ ଓଡ଼ିଆ ସାହିତ୍ୟ ଏକାଡ଼େମୀର ସଭାପତି ତଥା କବି ହୃଷିକେଶ ମଲ୍ଲିକ, କଥାକାର କୃପାସାଗର ସାହୁ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ନାଟ୍ୟକର୍ମୀ ସୁବୋଧ ପଟ୍ଟନାୟକ, ବ୍ୟଙ୍ଗକାର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅନୁବାଦକ ବିଜୟ କୁମାର ପ୍ରଧାନ, ଆଲୋଚକ କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗଦେଇ ଭାଷା ହିଁ ଗୋଟିଏ ଜାତିକୁ ବାନ୍ଧି ରଖିପାରେ ବୋଲି ମତ ଦେଇଥିଲେ । ଇଂଲଣ୍ଡରୁ ଜୟଶ୍ରୀ ନନ୍ଦ, କାନଡାରୁ ସୁନନ୍ଦା ମିଶ୍ର, କେନିଆରୁ ଲମ୍ବୋଦାର ହୋତା, ଟରଣ୍ଟୋରୁ ବିଭୂତି ଭୂଷଣ ମହାପାତ୍ର, ଦିଲ୍ଲୀରୁ ମୋନିକା ଦାସ ପ୍ରମୁଖ ଅନଲାଇନରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 40 •ISSUE- 269 •BHUBANESWAR •MONDAY •27 MARCH 2023 •PAGE-16 •₹ 6.00

•ବର୍ଷ-୪୦ •ସଂଖ୍ୟା-୨୬୯ •ଭୁବନେଶ୍ୱର •ସୋମବାର •୨୭ ମାର୍ଚ୍ଚ ୨୦୨୩ •ପୃଷ୍ଠା-୧୬ •ଟ.୬.୦୦


# ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ

**କୋରାପୁଟ/ସୁନାବେଡ଼ା, ୨୬।୩(ସମିସ)**



କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ଆନୁକୁଲ୍ୟରେ ଆୟୋଜିତ 'ପ୍ରବାସୀ ଓଡିଆ ସାହିତ୍ୟ' ଶୀର୍ଷକ ତିନି ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଜଗନ୍ନାଥ ସଂସ୍କୃତିବିତ୍ ପ୍ରସାଦ ହରିଚନ୍ଦନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ।

ବିଷୟର ପ୍ରାସଙ୍ଗିଗତା ରହିଥିବା ଦର୍ଶାଇ ପ୍ରବାସୀମାନଙ୍କ ଭାଷା ସାହିତ୍ୟର ଉନ୍ନତିରେ ହିଁ ଜାତିର ଜୀବନ ବିକଶିତ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ପତ୍ରିକାରେ ପ୍ରବାସୀମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ, ପୁରସ୍କାର ବ୍ୟବସ୍ଥା, ପାଠ୍ୟପୁସ୍ତକରେ ପ୍ରବାସୀ ସାହିତ୍ୟର ଅନ୍ତର୍ଭୁକ୍ତି, ପ୍ରବାସୀ ଶିଶୁମାନଙ୍କ ପାଇଁ ଇ-ସ୍କୁଲ ସ୍ଥାପନା, ପ୍ରବାସୀ ଓଡିଆ ସଂଗଠନ ଗୁଡିକ ସହ ସହଭାଗିତା,

ପ୍ରବାସୀ ଓଡିଆ ସମ୍ମିଳନୀ ଆୟୋଜନ, ପ୍ରତିବେଶୀ ରାଷ୍ଟ୍ରରୁ ପୋଥି ସଂଗ୍ରହ ଇତ୍ୟାଦି ପ୍ରଭୃତି ସାତସୂତ୍ରୀ କାର୍ଯ୍ୟକ୍ରମର ପ୍ରସ୍ତାବ ସେ ଦେଇଥିଲେ । ଉତ୍ସବରେ ଭାଷା ବିଭାଗର ଅଧ୍ୟାପକଗଣଙ୍କ ସମେତ ଅଧକ୍ଷ ପ୍ରଫେସର ଏନ୍ସି ପଣ୍ଡା ଓ ବିଷୟ ବିଶାରଦ ଗବେଷକ ଓ ଛାତ୍ର-ଛାତ୍ରୀଗଣ ଯୋଗ ଦେଇଥିଲେ । ପୂର୍ବାହ୍ନ ଅଧିବେଶନରେ ଓଡିଆ ସାହିତ୍ୟ ଏକାଡ଼େମୀର ସଭାପତି ତଥା କବି ହୃଷୀକେଶ ମଲ୍ଲିକ, କଥାକାର କୃପାସାଗର ସାହୁ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ନାଟ୍ୟକାର ସୁବୋଧ ପଟ୍ଟନାୟକ, ବ୍ୟଙ୍ଗକାର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅନୁବାଦକ ବିଜୟ କୁମାର ପ୍ରଧାନ, ଆଲୋଚକ କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଭାଷା ହିଁ ଗୋଟିଏ ଜାତିକୁ ବାନ୍ଧି ରଖିପାରେ ବୋଲି ମତ ଦେଇଥିଲେ । ଏହି ଅବସରରେ ଇଂଲଣ୍ଡରୁ ଜୟଶ୍ରୀ ନନ୍ଦ, କାନଡାରୁ ସୁନନ୍ଦା ମିଶ୍ର, କେନିଆରୁ ଲମ୍ବୋଦର ହୋତା , ଟରଣ୍ଟୋରୁ ବିଭୀତି ଭୂଷଣ ମହାପାତ୍ର, ଦିଲ୍ଲୀରୁ ମୋନିକା ଦାସ ପ୍ରମୁଖ ଅନଲାଇନରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉତ୍କଳ ସମାଜ
UTKAL SAMAJ

# ପ୍ରବାସି ଓଡ଼ିଆ ସାହିତ୍ୟ ତିନିଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ

କୋରାପୁଟ ସ୍ଥିତ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳର ଓଡିଆ ବିଭାଗ ଆନୁକୁଲ୍ୟରେ ଆୟୋଜିତ 'ପ୍ରବାସୀ ଓଡିଆ ସାହିତ୍ୟ' ଶୀର୍ଷକ ତିନି ଦିନିଆ ଆନ୍ତର୍ଜାତୀୟ ସମ୍ମିଳନୀ ଗତ ୨୫ ତାରିଖରେ ଉଦଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ପ୍ରାକ୍ତନ ମନ୍ତ୍ରୀ ତଥା ଜଗନ୍ନାଥ ସଂସ୍କୃତିବିତ ଶ୍ରୀ ପ୍ରସାଦ ହରିଚନ୍ଦନ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ବିଷୟର ପ୍ରାସଙ୍ଗିଗତା ରହିଥିବା ଦର୍ଶାଇ ପ୍ରବାସୀ ମାନଙ୍କ ଭାଷା ସାହିତ୍ୟର ଉନ୍ନତିରେ ହିଁ ଜାତିର ଜୀବନ ବିକଶିତ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ପରିପେକ୍ଷୀରେ ପତ୍ରିକାରେ ପ୍ରବାସୀ ମାନଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ, ପୁରସ୍କାର ବ୍ୟବସ୍ଥା, ପାଠ୍ୟପୁସ୍ତକରେ ପ୍ରବାସୀ ସାହିତ୍ୟର ଅନ୍ତର୍ଭୂକ୍ତି, ପ୍ରବାସୀ ଶିଶୁମାନଙ୍କ ପାଇଁ ଇ-ସ୍କୁଲ ସ୍ଥାପନା, ପ୍ରବାସୀ ଓଡିଆ ସଂଗଠନ ଗୁଡିକ ସହ ସହଭାଗିତା, ପ୍ରବାସୀ ଓଡିଆ ସମ୍ମିଳନୀ ଆୟୋଜନ, ପ୍ରତିବେଶୀ ରାଷ୍ଟ୍ରରୁ ପୋଥି ସଂଗ୍ରହ ଇତ୍ୟାଦି ପ୍ରଭୃତି ସାତସୂତ୍ରୀ କାର୍ଯ୍ୟକ୍ରମର ପ୍ରସ୍ତାବ ସେ ଦେଇଥିଲେ । ଉତ୍ସବରେ ଭାଷା ବିଭାଗର ଅଧ୍ୟାପକଗଣଙ୍କ ସମେତ ଅଧକ୍ଷ ପ୍ରଫେସର ଏନ ସି ପଣ୍ଡା ଓ ବିଷୟ ବିଶାରଦ ଗବେଷକ ଓ ଛାତ୍ର-ଛାତ୍ରୀଗଣ ଯୋଗ ଦେଇଥିଲେ । ପୂର୍ବାହ୍ନ ଅଧିବେଶନରେ ଓଡିଆ ସାହିତ୍ୟ ଏକାଡ଼େମୀର ସଭାପତି ତଥା କବି ହୃଷୀକେଶ ମଲ୍ଲିକ, କଥାକାର କୃପାସାଗର ସାହୁ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ନାଟ୍ୟକର୍ମୀ ସୁବୋଧ ପଟ୍ଟନାୟକ, ବ୍ୟଙ୍ଗକାର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅନୁବାଦକ ବିଜୟ କୁମାର ପ୍ରଧାନ, ଆଲୋଚକ କ୍ଷୀରୋଦ କୁମାର ବେହେରା ପ୍ରମୁଖ ଯୋଗ ଦେଇ ଭାଷା ହିଁ ଗୋଟିଏ ଜାତିକୁ ବାନ୍ଧି ରଖିପାରେ ବୋଲି ମତ ଦେଇଥିଲେ । ଏହି ଅବସରରେ ଇଂଲଣ୍ଡ ରୁ ଜୟଶ୍ରୀ ନନ୍ଦ, କାନଦାରୁ ସୁନନ୍ଦା ମିଶ୍ର, କେନିଆରୁ ଲୟୋଦାର ହୋତା , ଟରଣ୍ଟୋରୁ ବିଭୀତି ଭୂଷଣ ମହାପାତ୍ର, ଦିଲ୍ଲୀରୁ ମୋନିକା ଦାସ ପ୍ରମୁଖ ଅନଲାଇନରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରମେୟ
THE PRAMEYA
RNI REGD NO: ODIODI/2011/37619 - POSTAL REGD NO: BN/208/18-20
digital edition
www.prameya.com
prameyaodia
prameyaodia
27 MARCH 2023 MONDAY
୨୭ ମାର୍ଚ୍ଚ ୨୦୨୩ ସୋମବାର

# ପ୍ରବାସୀ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

କୋରାପୁଟ,୨୬।୩(ଆପ୍ର): ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପକ୍ଷରୁ ଆୟୋଜିତ 'ପ୍ରବାସୀ ଓଡିଆ ସାହିତ୍ୟ' ଅନ୍ତର୍ଜାତୀୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତିବିତ୍ ପ୍ରସାଦ ହରିଚନ୍ଦନ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପ୍ରବାସୀଙ୍କ ଭାଷା ସାହିତ୍ୟ ଉନ୍ନତିରେ ଜାତିର ଜୀବନ ବିକଶିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପେକ୍ଷୀରେ ବିଭିନ୍ନ ପତ୍ରିକାରେ ପ୍ରବାସୀଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ, ପୁରସ୍କାର ବ୍ୟବସ୍ଥା, ପାଠ୍ୟପୁସ୍ତକରେ ପ୍ରବାସୀ ସାହିତ୍ୟ ଅନ୍ତର୍ଭୁକ୍ତ କରିବା, ପ୍ରବାସୀ ଶିଶୁଙ୍କ ପାଇଁ ଇ-ସ୍କୁଲ ସ୍ଥାପନ, ପ୍ରବାସୀ ଓଡିଆ ସଂଗଠନ ସହ ସହଭାଗିତା, ଓଡିଆ ସମ୍ମିଳନୀ ଆୟୋଜନ, ପ୍ରତିବେଶୀ ରାଷ୍ଟ୍ରରୁ ପୋଥି ସଂଗ୍ରହ ଆଦି କାର୍ଯ୍ୟକ୍ରମ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଉତ୍ସବରେ ଭାଷା ବିଭାଗ ଅଧ୍ୟାପକଗଣଙ୍କ ସମେତ ଅଧ୍ୟକ୍ଷ ପ୍ରଫେସର ଏନ.ସି ପଣ୍ଡା, ଗବେଷକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଅଧିବେଶନରେ ଓଡିଆ ସାହିତ୍ୟ ଏକାଡେ଼ମୀ ସଭାପତି ତଥା କବି ହୃଷିକେଶ ମଲ୍ଲିକ, କଥାକାର କୃପାସାଗର ସାହୁ, ପ୍ରଫେସର ସନ୍ତୋଷ ତ୍ରିପାଠୀ, ନାଟ୍ୟକର୍ମୀ ସୁବୋଧ ପଟ୍ଟନାୟକ, ବ୍ୟଙ୍ଗକାର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଅନୁବାଦକ ବିଜୟକୁମାର ପ୍ରଧାନ, ଆଲୋଚକ କ୍ଷୀରୋଦକୁମାର ବେହେରା ପ୍ରମୁଖ ଯୋଗଦେଇ ଭାଷା ହିଁ ଗୋଟିଏ ଜାତିକୁ ବାନ୍ଧି ରଖିପାରେ ବୋଲି ମତ ଦେଇଥିଲେ। ଏହି ଅବସରରେ ଇଂଲଣ୍ଡରୁ ଜୟଶ୍ରୀ ନନ୍ଦ, କାନଡାରୁ ସୁନନ୍ଦା ମିଶ୍ର, କେନିଆରୁ ଲମ୍ବୋଦର ହୋତା, ଟରଣ୍ଟୋରୁ ବିଭୁତିଭୂଷଣ ମହାପାତ୍ର, ଦିଲ୍ଲୀରୁ ମୋନିକା ଦାସ ପ୍ରମୁଖ ଅନ୍‌ଲାଇନରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ORISSA TIMES

THE OLDEST ENGLISH & ORIYA (Bi- lingual) DAILY OF ODISHA - ESTD-1965 Founder late R.P. SHASTRY

Volume-36, Issue- 341 No of Page 8 Price Rs.2.00, RNI 04285/65, POSTAL Regd. No OR-BN-DN-31/06-08 BHUBANESWAR Monday 27 March 2023

# Three Day International Conference on "Pravasi Odia Sahitya" concluded at Central University of Odisha



Koraput 26/03 (OTNS): The three-day International Conference on "Pravasi Odia Literature" started on 23.03.2023 and was concluded on 25 March 2023 at the Sunabeda campus of the Central University of Odisha organized by the Department of Odia Language and Literature. The valedictory programme was presided by Hon'ble Vice-Chancellor Prof. Chakradhar Tripathi. Former Minister and Jagannath culturist Shri Prasad Harichandan attended the conference as the Chief Speaker. Stating that the subject is relevant, he opined that the life of the nation can be developed only through the improvement of the language and culture of the migrants. In this context, he proposed seven-point programmes such as reservation of space for migrants in magazines, provision of awards, the inclusion of migrant literature in textbooks, the establishment of e-schools for migrant children, partnerships with non-resident Odia organizations, organizing Pravasi Odia conferences, collecting Pothis (old manuscripts) from neighbouring countries, etc. Along with students, research scholars, and faculty members Prof. N.C. Panda, the Dean, of the School of Languages was present on the occasion.President of Odia Sahitya Akademi and poet Hrishikesh Mallik, storyteller Kripasagar Sahu, Professor Santosh Tripathi, playwright Subodh Patnaik, satirist Laxmikant Tripathi, translator Bijay Kumar Pradhan, critic Khirod Kumar Behera were present in the morning session. Jayshree Nanda from England, Sunanda Mishra from Canada, Lambodar Hota from Kenya, Bibhuti Bhusan Mohapatra from Toronto and Monika Das from Delhi participated in the discussion.

ओड़िशा संस्करण
27 मार्च, 2023
चैत्र, शुक्ल पक्ष, षष्ठी
संवत 2080
पृष्ठ : 12, मूल्य : ₹3.00
रांची
सोमवार, वर्ष 08, अंक 156
www.epaper.azadsipahi.in
कलम कलम बढ़ाये जा
आजाद सिपाही

फंदे से लटकता मिला भोजपुरी अभिनेत्री आकांक्षा दुबे का शव



# प्रवासी उड़िया साहित्य पर अंतरराष्ट्रीय सम्मेलन



**भुवनेश्वर (आजाद सिपाही)।** मार्च से 25 मार्च तक तीन दिवसीय उड़िया भाषा और साहित्य विभाग द्वारा आयोजित ओड़िशा केंद्रीय विश्वविद्यालय के सुनाबेडा परिसर में संपन्न हुआ। समापन कार्यक्रम की अध्यक्षता कुलपति प्रो चक्रधर त्रिपाठी ने की। सम्मेलन में मुख्य वक्ता के रूप में पूर्व मंत्री एवं जगन्नाथ संस्कृतिविद् प्रसाद हरिचंदन शामिल हुए थे। उन्होंने इस विषय को प्रासंगिक बताते हुए कहा कि प्रवासियों की भाषा और संस्कृति के सुधार से ही राष्ट्र के जीवन का विकास हो सकता है। सुबह के सत्र में उड़िया साहित्य अकादमी के अध्यक्ष व कवि ऋषिकेश मल्लिक, कथाकार कृपासागर साहू, प्रोफेसर संतोष त्रिपाठी, नाटककार सुबोध पटनायक, व्यंग्यकार लक्ष्मीकांत त्रिपाठी, अनुवादक बिजय कुमार प्रधान, आलोचक खिरोद कुमार बेहेरा उपस्थित थे। इंग्लैंड से जयश्री नंदा, कनाडा से सुनंदा मिश्र, केन्या से लंबोदर होता, टोरंटो से विभूति भूषण महापात्र और दिल्ली से मोनिका दास ने चर्चा में भाग लिया।